ତ୍ରୟମାସିକ କୃଷି ସମାଚାର ପତ୍ର

# ଇସ୍ପାତ କୃଷି ବାର୍ତ୍ତା

## କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ORISSA UNIVERSITY OF AGRICULTURE & TECHNOLOGY, BHUBANESWAR

ଏକାଦଶ ବର୍ଷ | ଡିସେମ୍ବର ୨୦୨୩ | ପ୍ରଥମ ସଂଖ୍ୟା

## ବରିଷ୍ଠ ବୈଜ୍ଞାନିକଙ୍କ କଲମରୁ

ସୁନ୍ଦରଗଡ ଜିଲ୍ଲା ଏକ କୃଷି ସମୃଦ୍ଧ ଜିଲ୍ଲା ଅଟେ । ଏଠାରେ ଚାଷୀମାନେ ବହୁଳ ଭାବରେ ଧାନ, ମୁଗ, ବିରି, ଚିନାବାଦାମ, ପନିପରିବା ଇତ୍ୟାଦି ଉତ୍ପାଦନ କରିଥାନ୍ତି । କୃଷି କାର୍ଯ୍ୟରେ ହେଉଥିବା ବିଭିନ୍ନ ଗବେଷଣାଲବ୍ଧ ଜ୍ଞାନକୌଶଳକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ଉଦ୍ୟମରତ । ଆମ କେନ୍ଦ୍ର ଦ୍ୱାରା ଚାଷୀମାନଙ୍କ ଆବଶ୍ୟକତା ଅନୁସାରେ ତାଲିମ୍, କ୍ଷେତ୍ର ପ୍ରଦର୍ଶନ, କ୍ଷେତ୍ର ପରୀକ୍ଷଣ ଓ ଅନ୍ୟାନ୍ୟ ସଂପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଶିକ୍ଷିତ ବେକାର ଯୁବକ-ଯୁବତୀମାନଙ୍କ ପାଇଁ ବିଭିନ୍ନ ପ୍ରକାର କୃଷିଭିତ୍ତିକ ରୋଜଗାରମୂଳକ ଧନ୍ଦା ବିଷୟରେ ତାଲିମ ପ୍ରଦାନ କରାଯାଇ ସେମାନଙ୍କୁ ସ୍ୱାବଲମ୍ବି କରିବାପାଇଁ ପ୍ରଚେଷ୍ଟା ଜାରୀ ରହିଛି । କୃଷିଜୀବୀ ମହିଳାମାନଙ୍କର ଶ୍ରମଭାର ଲାଘବପାଇଁ ବିଭିନ୍ନ ସରଳ ଯନ୍ତ୍ରପାତିରର ବ୍ୟବହାର ବିଷୟରେ ଅବଗତ କରିବା ଦ୍ୱାରା ସେମାନଙ୍କର କୃଷିକାର୍ଯ୍ୟ ଅପେକ୍ଷାକୃତ ସରଳ ଓ ସହଜ ହୋଇପାରିଛି । କୃଷି ତଥା ଆନୁସଙ୍ଗିକ କ୍ଷେତ୍ର ଯେପରିକି ନର୍ସରୀ ପରିଚାଳନା, ଛତୁଚାଷ, ମହୁଚାଷ, କୁକୁଡା ପାଳନ, ଗୋ ପାଳନ, ପଲିଥିନ୍ ଗୃହରେ ଅଦିନିଆ ଫୁଲ ଓ ପନିପରିବା ଚାଷ ଇତ୍ୟାଦି ବ୍ୟବସାୟଭିତ୍ତିକ କାର୍ଯ୍ୟକ୍ରମ ଗୁଡିକରେ ପରାମର୍ଶ ଓ ଦିଗଦର୍ଶନ ପ୍ରାପ୍ତକରି ଅନେକ ଉଚ୍ଚ ଶିକ୍ଷିତ ଯୁବଗୋଷ୍ଠୀ ଉଲ୍ଲେଖନୀୟ ସଫଳତାରେ ଉପନୀତ ହୋଇପାରିଛନ୍ତି । ଏହି ସବୁ ସଫଳ କାର୍ଯ୍ୟକ୍ରମର ସୁଦୂର ପ୍ରସାର ପାଇଁ ଇସ୍ୱାତ କୃଷି ବାର୍ତ୍ତା ପ୍ରକାଶ ପାଉଥିବାରୁ ମୁଁ ବହୁତ ଆନନ୍ଦିତ ଓ ଏହା ଆମ ଅଞ୍ଚଳର ଚାଷୀଭାଇ ଓ ଭଉଣୀମାନଙ୍କ ନିମନ୍ତେ ସହାୟକ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।



ଜୟନ୍ତ କୁମାର ପତି

## ଆମର ଗର୍ବ ଶ୍ରୀ ଅରବିନ୍ଦ ମହାନ୍ତି

ସୁନ୍ଦରଗଡ ଜିଲ୍ଲା ଲାଠିକଟା ବ୍ଲକ୍ ଅନ୍ତର୍ଗତ କଂସର ଗ୍ରାମର ବାସିନ୍ଦା ହେଲେ ଶ୍ରୀ ଅରବିନ୍ଦ ମହାନ୍ତି, ପେଷାରେ ସେ ଜଣେ ମୁଖତଃ ଖଣି ବ୍ୟବସାୟୀ ରୂପେ ପ୍ରତିଷ୍ଠିତ ହୋଇସାରିଥିଲେ ମଧ୍ୟ ଚାଷ ପାଇଁ ତାଙ୍କର ଅହେତୁକ ଦୁର୍ବଳତା ପିଲାଟି ଦିନରୁ ଥିଲା । ରାସାୟନିକ ଚାଷର ଭୟାବହତାକୁ ସେ ହୃଦୟଙ୍ଗମ କରି ପ୍ରାୟ ୧୦ ବର୍ଷ ପୂର୍ବେ କଂସର ଗ୍ରାମରେ ଜୈବିକ ଚାଷ କରିବାକୁ ମନସ୍ଥ କରିଥିଲେ। ପର୍ଯ୍ୟାୟ କ୍ରମେ ସେ ନିଜର ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା ବାଇଗଣ, ଟମାଟୋ, କଲରା, ବିନ୍, ଲାଉ ଅଦି ପରୀକ୍ଷାମୂଳକ ଭାବେ ଜୈବିକ ଉପାୟରେ କରି ସଫଳତା ପାଇଥିଲେ । ଏହି ସଫଳତାକୁ ଆଧାର କରି ସେ ନିଜର ଜମିରେ ବିଭିନ୍ନ ଫଳଗଛ ଯେପରିକି ଆମ୍ବ, ପିଜୁଳି, କମଳା, ସପେଟା ଆଦି ଲଗାଇ ସେଥିରୁ ଭଲ ଅମଳ ପାଇଥିଲେ। ଗତ କିଛି ବର୍ଷ ହେଲା ସେ ପ୍ରାକୃତିକ କୃଷି ପଦ୍ଧତିକୁ ଅବଲମ୍ବନ କରି ଉପରୋକ୍ତ ଫସଲଗୁଡିକରୁ ଅଧିକ ଅର୍ଥ ଉପାର୍ଜନ କରିପାରୁଛନ୍ତି। କୌଣସି ରାସାୟନିକ ସାର ଓ ଔଷଧ ବ୍ୟବହାର ନକରି ସେ ବୀଜାମୃତ, ଜୀବାମୃତ, ଘନଜୀବାମୃତ, ଗଛପତ୍ରରୁ ତିଆରି ପୋକମରା ଔଷଧ ଆଦି ବ୍ୟବହାର କରି ସେ ବିଭିନ୍ନ ଫସଲ ଚାଷ କରିଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ଏକଏକର ଜମିରେ ପଲିଥିନ୍ ଗୃହ ମଧ୍ୟରେ ଅର୍କିଡ୍ (Orchid)ଫୁଲ ଏହି ପ୍ରାକୃତିକ ଚାଷ ପ୍ରଣାଳୀରେ କରୁଛନ୍ତି। ଏହି ପ୍ରକାରର ଚାଷ ପାଇଁ ସେ ପ୍ରାୟ ୧୦ଗୋଟି ଗାଇ ପାଳନ କରିଛନ୍ତି ଯାହାର ଗୋବର ଓ ପରିସ୍ରାରୁ ସେ ବୀଜାମୃତ, ଜୀବାମୃତ ଆଦି ପଦାର୍ଥ ତିଆରି କରି ବ୍ୟବହାର କରୁଛନ୍ତି ତାଙ୍କ ଜମିରୁ ଉତ୍ପାଦନ ହେଉଥିବା ଫଳ ଓ ପନିପରିବାର ସ୍ଥାନୀୟ ବଜାରରେ ମଧ୍ୟ ଖୁବ୍ ଚାହିଦା ରହିଛି ।

ପ୍ରାକୃତିକ କୃଷିକୁ ଆଧାରକରି ସେ ଅନ୍ୟଚାଷୀମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି ତାଙ୍କର ଏହି ସଫଳତା ପାଇଁ ସେ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ବହୁତ ବାର ପୁରସ୍କୃତ ହୋଇଛନ୍ତି। ବିଗତ ବର୍ଷ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ତରଫରୁ ପ୍ରଗତିଶୀଳ କୃଷକ ହିସାବରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ନିକଟ ଅତୀତରେ ତାଙ୍କୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ତରଫରୁ କୃଷି ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଜିଲ୍ଲା ଓ ଜିଲ୍ଲା ବାହାରେ ବିଭିନ୍ନ କୃଷି ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ସେ ନିମନ୍ତ୍ରିତ ହୋଇ ରାସାୟନିକ ଚାଷର ଭୟାବହତା ଏବଂ ପ୍ରାକୃତି କୃଷିର ଉପଯୋଗିତା ସମ୍ବନ୍ଧରେ ଚାଷୀମାନଙ୍କୁ ଅବଗତ କରାଉଛନ୍ତି। ବିଷମୁକ୍ତ ଖାଦ୍ୟ ଉତ୍ପାଦନ କରି ଏକ ସୁସ୍ଥ ସମାଜ ଗଠନରେ ତାଙ୍କର ଏହି ପ୍ରୟାସ ଅନ୍ୟମାନଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ଅଟେ । କୃଷିବିଜ୍ଞାନ କେନ୍ଦ୍ରର ବିଭିନ୍ନ ପରୀକ୍ଷାମୂଳକ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଗୁଡିକ ପ୍ରାକୃତିକ ଚାଷ ପଦ୍ଧତିରେ କରିବାପାଇଁ ଶ୍ରୀ ଅରବିନ୍ଦ ମହାନ୍ତିଙ୍କୁ ପ୍ରୋତ୍ସାହିତ କରାଯାଉଛି ଯାହାଦ୍ୱାରା କି ଏହା ଆଗାମୀ ଦିନରେ ଲୋକାଭିମୁଖି ହୋଇପାରିବ।



## ଆଦିବାସୀ ଉପଯୋଜନା ଅନ୍ତର୍ଗତ ପାକଶାଳା ବଗିଚାର ପ୍ରଦର୍ଶନ



ଆଦିବାସୀ ପରିବାର ଗୁଡିକର ଆର୍ଥିକ ଅନାଟନ ଓ ସଚେତନତା ଅଭାବରୁ ସୁଷମ ଖାଦ୍ୟ ସବୁବେଳେ ପାଇପାରିନଥାନ୍ତି। ପନିପରିବାର ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁଁ ଆଦିବାସୀ ପରିବାରର ମହିଳା ଓ ଶିଶୁମାନେ ଅନେକ ଖାଦ୍ୟସାର ଅଭାବଜନିତ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାନ୍ତି । ତେଣୁ କୃଷି ବିଜ୍ଞାନକେନ୍ଦ୍ର ରାଉରକେଲା ତରଫରୁ ଲାଠିକଟା ବ୍ଲକ୍‌ର ଗୁଣ୍ଡିବାଲି ଏବଂ ବାଗବୁଡି ଗ୍ରାମରେ ପାକଶାଳା ବଗିଚା କରିବା ପାଇଁ ଋତୁ ଅନୁଯାୟୀ ଉନ୍ନତମାନର ମଞ୍ଜି ଓ ପନିପରିବା ଚାରାମାନ ଯୋଗାଇ ଦିଆଯାଇଥିଲା ୨୦୦ ବର୍ଗମିଟର ଆୟତାକାର କ୍ଷେତ୍ରରେ ନିଜ ଜମିରେ ପାକଶାଳା ବଗିଚା ପାଇଁ ଛୋଟ ଛୋଟ ପଟାଳି କରି ସେମାନେ ଭେଣ୍ଡି, ଝୁଡୁଙ୍ଗ, ବାଇଗଣ, ଟମାଟୋ, ଲଙ୍କା, ଶାଗ, ପିଆଜ, ଲାଉ ଆଦି ରୋପଣ କରିଥିଲେ ଏହାଦ୍ୱାରା ସେମାନେ ନିଜ ପରିବାରର ଆବଶ୍ୟକତା ପୂରଣ କରିବା ପରେ ଅବଶିଷ୍ଟ ଉତ୍ପାଦକୁ ବଜାରରେ ବିକ୍ରି କରି କିଛି ରୋଜଗାର ମଧ୍ୟ କରିଥିଲେ ।



## ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବର୍ଷସାରା ଛତୁ ଉତ୍ପାଦନର ସଫଳ କାହାଣୀ

କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ନାଇକନ୍‌ପାଲି ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀ "ଶୁଭଶ୍ରୀ"ର ୧୦ ଜଣ ସଦସ୍ୟମାନେ ପୂର୍ବରୁ କୃଷି ଶ୍ରମିକ ଭାବେ ଧାନରୁଆ, ଘାସବଛା ଆଦି କାର୍ଯ୍ୟରେ ନିୟୋଜିତ ହୋଇ ଘରର ଗୁଜୁରାଣ ମେଣ୍ଟାଉଥିଲେ ଗତବର୍ଷ ଓଡ଼ିଶା ଜୀବିକା ମିଶନ ଜରିଆରେ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇ ବ୍ୟବସାୟିକ ଭିତ୍ତିରେ ବର୍ଷସାରା ଛତୁଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ସେମାନଙ୍କର ଆଗ୍ରହକୁ ଦେଖି କେନ୍ଦ୍ର ତରଫରୁ ପାଳଛତୁ ଚାଷ ପାଇଁ ଏକ ପ୍ରଶିକ୍ଷଣ ପ୍ରଦାନ କରାଯାଇ ତାଙ୍କୁ ଛତୁମଞ୍ଜି, ପଲିଥିନ୍ ଝଷବୟରଭରଣ୍ଣ ଆଦି ପ୍ରଦାନ କରାଯାଇଥିଲା। ସମୟ ସମୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଛତୁ ଚାଷ ପରିଦର୍ଶନ କରି ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ସେମାନେ ବର୍ଷାଦିନେ ପାଳଛତୁ ଏବଂ ଶୀତଦିନେ ଧିଙ୍ଗିରିଛତୁ ଉତ୍ପାଦନ କରୁଛନ୍ତି । ପାଳଛତୁ ଚାଷରୁ ସେମାନେ ଏବର୍ଷ ୬୦୦ଟି ବେଡ୍‌ରୁ ନେଟ୍ ଲାଭ ୧୦୦୦୦୦ଟଙ୍କା ପାଇଥିଲେ। ଧିଙ୍ଗିରିଛତୁର ବଜାର ଚାହିଦା ଟିକେ କମ୍ ତଥାପି ପ୍ରାୟ ୪୦୦ଟି ବେଡ୍‌ରୁ ସେ ନେଟ୍ ଲାଭ ୪୮,୦୦୦ ଟଙ୍କା ପାଇଥିଲେ। ଛତୁ ଚାଷରେ ଏହି ସଫଳତାକୁ ଲକ୍ଷକରି ଆଖ ପାଖ ଗାଁର ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବ୍ୟବସାୟିକ ଭିତ୍ତିରେ ଛତୁଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।





ସଂପାଦନା

**ଡ଼ଃ. ଜୟନ୍ତ କୁମାର ପତି,** ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

ବିଷୟବସ୍ତୁ

**ଶ୍ରୀ ସମରେନ୍ଦ୍ର ବରାଳ, ଶ୍ରୀ ସଞ୍ଜୟ କୁମାର ପ୍ରଧାନ,**
**ଶ୍ରୀମତୀ ଅନୁଭା କୁଜୁର୍, ଜେ.ଏସ୍.ପ୍ରିୟଦର୍ଶିନୀ**

କମ୍ପ୍ୟୁଟର ସହାୟତା: ଶ୍ରୀ ସୋମଦତ୍ତ ମହାନ୍ତି
କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨

2024020177

ହକିଛକ, ପାନପୋଷ, ରାଉରକେଲା- ୭୬୯୦୦୪, ଫୋନ: ୦୬୬୧-୨୯୧୦୨୩୪
*E-mail: kvk.sundargarh2@ouat.ac.in, www.kvksundargarh2.org*
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ବିଶ୍ୱ ମୃତ୍ତିକା ଦିବସ ପାଳନ




କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ଗତ ଡିସେମ୍ବର ମାସ ୫ ତାରିଖ ଦିନ ବିଶ୍ୱ ମୃତ୍ତିକା ଦିବସ ଅବସରରେ ବିଶ୍ରା ବ୍ଲକ୍ ଅନ୍ତର୍ଗତ ମସୁରିକୁଦର ଗ୍ରାମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ସରପଞ୍ଚ ସମିତି ସଭ୍ୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକମାନେ ଯୋଗ ଦେଇ ମା ମାଟିର ସୁରକ୍ଷା କିପରି କରାଯିବ ସେ ବାବଦରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ପୂର୍ବରୁ ସଂଗୃହିତ ମୃତ୍ତିକା ନମୁନାକୁ ପରୀକ୍ଷା କରାଯାଇ ଆବଶ୍ୟକୀୟ ସୂଚନା ଲିପିବଦ୍ଧ ହୋଇଥିବା କାର୍ଡ ଅନ୍ୟୁନ ୫୦ ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ମୃତ୍ତିକା ପରୀକ୍ଷା କରିବାଦ୍ୱାରା ମାଟିର ଉର୍ବରତା ଜଣାଯିବା ସହ ସେଠାରେ କି ପ୍ରକାର ଫସଲ କରାଯାଇପାରିବ ଏବଂ ସେଥିପାଇଁ କେଉଁ ସାର କେତେ ପରିମାଣରେ ଦିଆଯିବ ତାହା ସେମାନଙ୍କୁ ଜଣେଇ ଦିଆଯାଇଥିଲା। ଆଗାମୀ ଦିନରେ ମାଟିର ଅମ୍ଳତାକୁ କିପରି ସୁଧାରି ସାର ମାନଙ୍କ ଉପାଦେୟତାକୁ ବଢ଼ାଯାଇପାରିବ ସେ ବାବଦରେ ସମସ୍ତ ଚାଷୀଙ୍କୁ ଅବଗତ କରାଯାଇଥିଲା।

---

## ବର୍ଷାଦିନିଆ ରାଶି ଫସଲର ଆଗୁଆ ଧାଡି ପ୍ରଦର୍ଶନ

ସୁନ୍ଦରଗଡ ଜିଲ୍ଲାରେ ତୈଳବୀଜ ଜାତୀୟ ଫସଲ ମଧ୍ୟରେ ରାଶି ଏକ ମୁଖ୍ୟ ଫସଲ ରୂପେ ପରିଗଣିତ ହୋଇଥାଏ। କିନ୍ତୁ ଆବଶ୍ୟକୀୟ ଜ୍ଞାନକୌଶଳର ଅଭାବ ଯୋଗୁଁ ସ୍ଥାନୀୟ ଚାଷୀମାନେ ଅପେକ୍ଷାକୃତ କମ୍ ଲାଭବାନ ହୋଇଥାନ୍ତି। କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ କ୍ଲଷ୍ଟର ଡେମୋନ୍ଷ୍ଟ୍ରେସନ୍ କାର୍ଯ୍ୟକ୍ରମ ମାଧ୍ୟମରେ ନୂଆଗାଁ ବ୍ଲକ୍‌ର ଆଣ୍ଟୁଗଡା ଗ୍ରାମରେ ରାଶି ପସଲର ଆଗୁଆ ଧାଡି ପ୍ରଦର୍ଶନ କରାଯାଇଥିଲା। ଏଥିରେ ଗ୍ରାମର ୨୫ ଜଣ ଚାଷୀଙ୍କୁ ରାଶି ବିହନ ସୁପ୍ରଭା, ମଞ୍ଜି ବିଶୋଧକ, ଘାସ ଦମନକାରୀ ଔଷଧ, ଜୈବିକସାର ଏବଂ ପୋକ ନିୟନ୍ତ୍ରଣ ପାଇଁ ଔଷଧମାନ ବଣ୍ଟାଯାଇଥିଲା ସେମାନଙ୍କୁ ମଞ୍ଜି ବିଶୋଧନ, ଧାଡି ବୁଣା ଓ ଘାସ ନିୟନ୍ତ୍ରଣ ପାଇଁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥିଲା। ଏଠାରେ ଏକ କ୍ଷେତ୍ର ଦିବସର ଆୟୋଜନ କରାଯାଇ ଏହି ଜ୍ଞାନକୌଶଳର ଉପାଦେୟତା ବିଷୟରେ ପାଖ ୫୦ ଜଣ ଚାଷୀଙ୍କୁ ଅବଗତ କରାଯାଇଥିଲା। ଏହି ରାଶି ଚାଷ କରି ସେମାନେ ହେକ୍ଟର ପ୍ରତି ୮.୨ କ୍ୟୁଣ୍ଟାଲ ଅମଳ ପାଇଥିଲେ, ଯାହାକି ସେମାନଙ୍କ ପାରମ୍ପରିକ ପଦ୍ଧତି ଅପେକ୍ଷା ୨୯% ଅଧିକ ଥିଲା। ଆଗାମୀ ଦିନରେ ଏହି ଅଞ୍ଚଳର ଚାଷୀମାନେ ଉନ୍ନତ ଜ୍ଞାନକୌଶଳର ଅବଲମ୍ବନ କରି ଅଧିକ ଜମିରେ ରାଶି ଚାଷ କରିବା ପାଇଁ ସ୍ଥିର କରିଛନ୍ତି।







---

## କ୍ଷୁଦ୍ରଶସ୍ୟରୁ ଖାଦ୍ୟପ୍ରସ୍ତୁତି ପ୍ରତିଯୋଗିତି ଆୟୋଜନ

କ୍ଷୁଦ୍ରଶସ୍ୟ ଉତ୍ପାଦନରେ ସୁନ୍ଦରଗଡ ଏକ ଅଗ୍ରଣୀ ଜିଲ୍ଲା ଭାବେ ପରିଚିତ ଜିଲ୍ଲାରେ ମାଣ୍ଡିଆ, ଯଅ, ବାଜରା, କୁଦୋ, ସୁଆଁ କ୍ଷୁଦ୍ରଶସ୍ୟ ବହୁଳଭାବେ ଚାଷ ହେବା ସହ ଆଦିବାସୀମାନେ ଏହାକୁ ନିଜର ପାରମ୍ପରିକ ଖାଦ୍ୟ ହିସାବରେ ଗ୍ରହଣ କରିଆସିଛନ୍ତି। କ୍ଷୁଦ୍ର ଶସ୍ୟରୁ ପ୍ରସ୍ତୁତି ବିଭିନ୍ନ ଖାଦ୍ୟ ପଦାର୍ଥ ଯାହାକି କ୍ଷୁଦ୍ରଶସ୍ୟର ମୂଲ୍ୟ ବୃଦ୍ଧି ଏବଂ ସମସ୍ତଙ୍କ ନିକଟରେ ଆଦୃତ ହୋବା ଲକ୍ଷ୍ୟରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ତରଫରୁ ଏହାର ପ୍ରତିଯୋଗିତା ଆୟୋକନ କରିବାର ପାଇଁ କୃଷି ବିଜ୍ଞାନ କେନ୍ଦ୍ରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲାର ନୂଆଗାଁ ଲାଠିକଟା ଏବଂ କୁଆଁର ମୁଣ୍ଡାଠାରେ ଏହି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜ ହାତରେ କ୍ଷୁଦ୍ର ଶସ୍ୟରୁ ବିଭିନ୍ନ ପ୍ରକାରର ଖାଦ୍ୟ ଯଥା କେକ୍, ବିସ୍କୁଟ, ବରା, ଆଳୁଚପ୍, ପକୁଡି, ମଣ୍ଡା ପିଠା, ଆରିସା ପିଠା, ଚାହା ଆଦି ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମ ମାନଙ୍କରେ ସ୍ଥାନୀୟ ବିଧାୟକମାନେ ଯୋଗଦେଇ କ୍ଷୁଦ୍ରଶସ୍ୟ ଚାଷର ଗୁରୁତ୍ୱ ଏବଂ ଏଥିରୁ ବିଭିନ୍ନ ଖାଦ୍ୟପ୍ରସ୍ତୁତ କରି ଆଗାମୀ ଦିନରେ କିପରି ମହିଳାମାନେ ସ୍ୱାବଲମ୍ବୀ ହୋଇାପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗିତାର ଶେଷରେ କୃତି ପ୍ରତିଯୋଗୀଙ୍କର ଉତ୍ସାହ ବୃଦ୍ଧିପାଇଁ ସେମାନଙ୍କୁ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସ୍ୱଳ୍ପ ମୂଲ୍ୟର ପଲିହାଉସରେ ପନିପରିବା ଚାରା ଉତ୍ପାଦନର ଆଗୁଆ ଧାଡି ପ୍ରଦର୍ଶନ

ପନିପରିବା ଉତ୍ପାଦନରେ ସୁସ୍ଥ ଚାରାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଦୁର୍ବଳ ଓ ରୋଗିଣା ଚାରା ହୋଇଥିଲେ ପନିପରିବା ଉତ୍ପାଦନ ବହୁଳଭାବେ ପ୍ରଭାବିତ ହୋଇଥାଏ। ଏହି ବାସ୍ତବିକତାକୁ ଉପଲବ୍ଧ କରି କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ସ୍ୱଳ୍ପମୂଲ୍ୟର ପଲିହାଉସ୍‌ରେ ପନିପରିବା ଚାରାଉତ୍ପାଦନ ପାଇଁ ଏକ ଆଗୁଆ ଧାଡି ପ୍ରଦର୍ଶନ ଲାଠିକଟା ବ୍ଲକ୍‌ର ଗୁଣ୍ଡିବାଲି, ନୂଆଗାଁ ଏବଂ କୁଆଁରମୁଣ୍ଡା ବ୍ଲକ୍‌ର କଚାରୁ ଠାରେ ହାତକୁ ନିଆଯାଇଥିଲା। ଏଥିରେ ଚାଷୀମାନଙ୍କୁ ୩୫ ବର୍ଗ ମିଟରର ୟୁଭି ପଲିଥିନ୍ ପ୍ରୋଟ୍ରେ ଏବଂ କୋକୋମିପିଟ୍ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ବିହନ ବିଶୋଧନ, କୋକୋପିଟ୍‌ର ପ୍ରୟୋଗ ପ୍ରୋଟ୍ରେରେ ମଞ୍ଜି ପକାଇବା ଆଦି ଶିଖାଯାଇଥିଲା। ସେମାନେ ଏହି ଉପାୟରେ ବିହନ ବୁଣି ୩୫ ବର୍ଗମିଟର ସ୍ଥାନରୁ ପ୍ରାୟ ୧୮୨୦୦ ଟି ସୁସ୍ଥ ଚାରା ପାଇଥିଲେ ଯାହାକି ସେମାନଙ୍କର ଖେଲା ସ୍ଥାନରୁ ପାଇଥିବା ଚାରା ଅପେକ୍ଷା ପ୍ରାୟ ୫୧% ଅଧିକ ଥିଲା। ପ୍ରୋଟ୍ରେର ଚାରା ଅପେକ୍ଷାକୃତ ଅଧିକ ସୁସ୍ଥ ନିରୋଗ ଥିବାରୁ ସେମାନେ ଏହାକୁ ଅଧିକ ମୂଲ୍ୟରେ ବିକ୍ରୟ କରି ଲାଭବାନ ହୋଇପାରିଥିଲେ।







---




## ଧାନ ଫସଲରେ ମହିଷାରୋଗ ନିୟନ୍ତ୍ରଣର କ୍ଷେତ୍ର ପରୀକ୍ଷଣ

ଧାନ ଫସଲରେ ମହିଷା ରୋଗ ଏବ ଚିରାଚରିତ ସମସ୍ୟା ହୋଇଥିବାରୁ କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ନୂଆଗାଁ ବ୍ଲକ୍‌ର ବରେଇଗୁଡା, ରେଙ୍ଗାଲଗୁଡା ଏବଂ କୁଆଁରମୁଣ୍ଡା ବ୍ଲକ୍‌ର ପୁଟ୍ରିଖମନ ଏବଂ ଲାଠିକଟା ବ୍ଲକ୍‌ର ରାଙ୍ଘୋ ଗ୍ରାମରେ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମଞ୍ଜି ବିଶୋଧନ ଠାରୁ ଆରମ୍ଭ କରି ରୋଇବାର ୪୫ ଦିନ ପର୍ଯ୍ୟନ୍ତ ନୂତନ ପିଢ଼ିର ରୋଗନାଶକ ଯଥା ଟ୍ରାଇସାଇକ୍ଲାଜୋଲ ୨.୫ ଗ୍ରାମ ପ୍ରତି କି.ଗ୍ରା. ବିହନ ବିଶୋଧକ ହିସାବରେ ଏବଂ (ପିକୋକ୍ସିଷ୍ଟୋବିନ୍ + ଟ୍ରାଇସାଇକ୍ଲାଜୋଲ) ୧୦୦ ମି.ଲି ପ୍ରତି ହେକ୍ଟର ହିସାବରେ ୧୫ ଦିନ ଅନ୍ତରରରେ ୨ ଥର ପତ୍ର ସିଞ୍ଚନ କରାଯାଇ ଏହି ରୋଗକୁ ଦମନ କରାଯାଇପାରିଥିଲା। ସାମାନ୍ୟ କ୍ଷେତ୍ରରେ ଧାନର ଅମଳ ହେକ୍ଟର ପ୍ରତି ୩୭ କ୍ୟୁଣ୍ଟାଲ ଥିବା ସ୍ଥଳେ ପରୀକ୍ଷଣ କ୍ଷେତ୍ରରେ ଅମଳ ୪୨ କ୍ୟୁଣ୍ଟାଲ ଥିଲା ଯାହାକି ୧୪% ଅଧିକା ଥିଲା।

---

## ମକା ଫସଲରେ ଫଲ୍ ଆର୍ମି ୱାର୍ମ କୀଟ ନିୟନ୍ତ୍ରଣର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ

ସୁନ୍ଦରଗଡ ଜିଲ୍ଲାରେ ମକା ଏକ ମୁଖ୍ୟ ଫସଲ ରୂପେ ପରିଗଣିତ ହେଉଥିବା ସ୍ଥଳେ କିଛି ବର୍ଷ ହେଲା ଫଲ୍ ଆର୍ମି ୱାର୍ମ ନାମକ କୀଟର ପ୍ରାଦୁର୍ଭାବ ଯୋଗୁଁ ଏହି ଚାଷର କ୍ଷେତ୍ରଫଳ ଦିନକୁ ଦିନ କମିବାରେ ଲାଗିଛି ଏଣୁ କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ନୂଆଗାଁ ବ୍ଲକ୍‌ର ଘୋଡା ବନ୍ଧ, ଗୁଡୁଗୁଡା, ବରେଇଗୁଡା ଓ କୋଏଲସୁତା ଇତ୍ୟାଦି ଗ୍ରାମ ମାନଙ୍କରେ ଫଲ୍ ଆର୍ମିୱାର୍ମ କୀଟର ନିୟନ୍ତ୍ରଣ ପାଇଁ ଏକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ଏବଂ ଏଥିରେ ଚାଷୀମାନଙ୍କୁ ମଞ୍ଜି ବିଶୋଧନ ଠାରୁ ଆରମ୍ଭ କରି ଫଳ ଆସିବ ପର୍ଯ୍ୟନ୍ତ ଗଛରେ ପ୍ରତିସିଞ୍ଚନ ମାଧ୍ୟମରେ ନୂଆପିଢ଼ିର କୀଟନାଶକ ଯଥା ଟେଟ୍ରାନିଲ୍‌ପୋଲ ହେକ୍ଟର ପ୍ରତି ୫୦୦ ମି.ଲି. ବୁଣିବାର ୩୦ ଦିନ ପରେ ଏବଂ ବିଷଥୋପ (କୁଣ୍ଡା ୧୦ କି.ଗ୍ରା ସହିତ ଗୁଡ (୨କି.ଗ୍ରା) ଏବଂ ଥାୟୋଡିକାର୍ବ (୧୦୦ଗ୍ରାମ) ସହିତ ୨ ଲିଟର ପାଣିକୁ ମିଶାଇ ପ୍ରୟୋଗ କରାଯାଇ ଫସଲର ଅମଳ ହେକ୍ଟର ପ୍ରତି ୧୭ କ୍ୟୁଣ୍ଟାଲରୁ ୨୨ କ୍ୟୁଣ୍ଟାଲ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିଥିଲା ଯାହାକି ତାଙ୍କର ପୂର୍ବ ପାରମ୍ପରିକ ପଦ୍ଧତି ଫସଲ ଅପେକ୍ଷା ୨୯% ଅଧିକ ଥିଲା।




